## କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର-୨୦୨୪ ପାଇବେ ସୁଭାଷ ଶତପଥୀ

# ଅନୁବାଦରେ ଆନନ୍ଦ, ପୁରସ୍କାରରେ ଖୁସି

ଭୁବନେଶ୍ୱର,୭।୩(ବ୍ୟୁରୋ): ଘୋଷଣା ହୋଇଛି କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର-୨୦୨୪। ଇଂରାଜୀ ଭାଷାରେ ରଚିତ ରସ୍କିନ୍ ବଣ୍ଡଙ୍କ ଆତ୍ମଜୀବନୀ (ଲୋନ୍ ଫକ୍ସ ଡାନ୍ସିଂ)ର ଓଡ଼ିଆ ଅନୁବାଦ 'ଲୋନିକିଆଳିର ଏକକ ନୃତ୍ୟ' ପାଇଁ ବିଶିଷ୍ଟ ଲେଖକ ଓ ଅନୁବାଦକ ସୁଭାଷ ଶତପଥୀଙ୍କୁ ଏହି ପୁରସ୍କାର ଲାଗି ମନୋନୀତ କରାଯାଇଛି। ଏହି ଅବସରରେ ଶ୍ରୀ ଶତପଥୀ କହିଛନ୍ତି, ଏହା ମୋ ପାଇଁ ଗୋଟିଏ ଖୁସିର କଥା। ମତେ ଅନୁବାଦ ସର୍ବଦା ଆନନ୍ଦ ଦେଇଆସିଥିବା ବେଳେ ଏଥିପାଇଁ ଆଜି ମିଳିଥିବା ପୁରସ୍କାର ଖୁସି ଦେଉଛି।

ଶ୍ରୀ ଶତପଥୀ କହିଛନ୍ତି, ସାହିତ୍ୟ ଏପରି ଏକ ସୃଜନକର୍ମ, ଯାହା ନିରବରେ ସାଧନା କରାଯିବା ଆବଶ୍ୟକ। ପୁରସ୍କାର ଓ ସମ୍ମାନକୁ ମୁଁ ଅସ୍ୱୀକାର କରୁନାହିଁ। କିନ୍ତୁ ଏହା ଆତ୍ମପ୍ରଚାର ବା ଯୋଗାଡ଼ କରିବା ଭଳି ସ୍ତରକୁ ଖସିନଯାଉ। ପାଠକୀୟ ଶ୍ରଦ୍ଧାଠାରୁ ବଳି ବଡ଼ ସମ୍ମାନ ଆଉ କିଛି ଥାଇପାରେ ବୋଲି ମୁଁ ମନେକରେ ନାହିଁ। ଅନୁବାଦକୁ ଏଯାବତ୍ ସୃଜନକର୍ମ ହିସାବରେ ଭାରତରେ ଗ୍ରହଣ କରାଯାଇଛି ବୋଲି ମୋର ବିଶ୍ୱାସ ହୁଏନା। କିନ୍ତୁ ଭାରତରେ ହିଁ ପ୍ରଥମେ ଅନୁବାଦ କାର୍ଯ୍ୟ ହୋଇଥିଲା। ଆମ ଭାଷାରେ ଆଦିକବି ସାରଳା ଦାସ ଓ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପରି ସ୍ରଷ୍ଟାମାନେ ଅନୁବାଦକ ବୋଲି କୃତିତ୍ୱ ଲୋକ ବିଶ୍ୱାସ କରିବେ। କାରଣ ସେମାନେ ବ୍ୟାସକୃତ ମହାଭାରତ ଅବା ସଂସ୍କୃତ ଭାଗବତକୁ ଆକ୍ଷରିକ ଅନୁବାଦ କରିନାହାନ୍ତି। ମୁଁ ସେମାନଙ୍କୁ ମୋର ଆଦର୍ଶ ବୋଲି ଗ୍ରହଣ କରେ।

ମୋ ପାଇଁ ଗଳ୍ପ ଲେଖିବାଠାରୁ ଗପଟିଏ ଅନୁବାଦ କରିବା କୌଣସି ଗୁଣରେ କମ୍ ନୁହେଁ। ଏଇଥିପାଇଁ ଯେ ଯେଉଁ ମୂଳ ଲେଖକଙ୍କ କୃତିକୁ ମୁଁ ମୋ ଭାଷାର ପାଠକମାନଙ୍କ ନିକଟରେ ଉପସ୍ଥାପନ କରିବାକୁ ଯାଉଛି, ସେ ଲେଖକ ଓ ତାଙ୍କ ଗଳ୍ପଟିର ଭାଗ୍ୟ ମୋ ଅନୁବାଦର ସାର୍ଥକତା ଉପରେ ନିର୍ଭରଶୀଳ। ପ୍ରକୃତ ଯଦି ଭଲ ଗପଟିକୁ ମୁଁ ଠିକ୍ ଭାବେ ଅନୁବାଦ କରିବାରେ ବିଫଳ ହୁଏ, ତେବେ ମୋ ଭାଷାର ପାଠକଙ୍କ ନିକଟରେ ମୁଁ ସମ ପରିମାଣରେ ଦୋଷୀ। ତେଣୁ ସେଥିରେ ମୁଁ କେତେ ସଫଳ ଅବା ବିଫଳ ହୋଇଛି, ତାହା ବିଚାର କରିବା ଦାୟିତ୍ୱ ପାଠକମାନଙ୍କର। ଶେଷରେ ମୁଁ ଏହି ସମ୍ମାନ ପାଇଁ ମନୋନୀତ ହୋଇଥିବେଳେ ମନରେ ସଙ୍କୋଚ ଆସେ, ମୋଠାରୁ କେତେ ସଫଳ ଅନୁବାଦକ, ଯିଏକି ପୂର୍ବରୁ ଏହି ପୁରସ୍କାର ପାଇବା ଉଚିତ ଓ ହକ୍‌ଦାର୍, ସେ ବିଚାର ପରିସରକୁ ନ ଆସି ରହି ଯାଇନାହାନ୍ତି ତ?

ତେବେ ରସ୍କିନ୍ ବଣ୍ଡଙ୍କ ପୁସ୍ତକକୁ ସେ କାହିଁକି ଅନୁବାଦ ପାଇଁ ବାଛିଲେ ବୋଲି ପ୍ରଶ୍ନର ଉତ୍ତରରେ ଶ୍ରୀ ଶତପଥୀ କହିଛନ୍ତି, ଭାରତରେ ଯେତେ ଲୋକପ୍ରିୟ ଲେଖକ ଅଛନ୍ତି, ସେମାନଙ୍କ ମଧ୍ୟରେ ଯିଏ ସବୁ ବର୍ଗର ପାଠକଙ୍କ ପାଖରେ ଗ୍ରହଣୀୟ ହୋଇପାରିଛନ୍ତି ଏବଂ ଆରକେ ନାରାୟଣଙ୍କ ପରେ ଯଦି କାହାର ନାମ ଆସେ, ସେ ହେଉଛନ୍ତି ରସ୍କିନ୍ ବଣ୍ଡ।




'ଲୋନିକିଆଳିର ଏକକ ନୃତ୍ୟ' ପୁସ୍ତକ



ଅନୁବାଦକ ସୁଭାଷ ଶତପଥୀ

- ଗଳ୍ପ ଲେଖିବାଠାରୁ ଗପଟିଏ ଅନୁବାଦ କରିବା କୌଣସି ଗୁଣରେ କମ୍ ନୁହେଁ: ଶ୍ରୀ ଶତପଥୀ
- ଆଦିକବି ଓ ଅତିବଡ଼ୀଙ୍କୁ ମୁଁ ଆଦର୍ଶ ମାନେ
- ମୋ ସଫଳତାର ବିଚାର ପାଠକଙ୍କ ହାତରେ
- ୨୦୧୪ରେ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର

## ଜୀବନ ଯାତ୍ରାରୁ ସୃଜନ ସୃଷ୍ଟି

ଜଗତସିଂହପୁର ଜିଲ୍ଲା ବାଲିକୁଦାର ମଧ୍ୟଅଳ୍ପିକଣା ଗ୍ରାମରେ ୧୯୬୩ ଏପ୍ରିଲ ୧୮ ତାରିଖରେ ଜନ୍ମିତ ଶ୍ରୀ ଶତପଥୀ ମାତା ସୁଷମା ଶତପଥୀ, ପିତା ସୁଦର୍ଶନ ଶତପଥୀଙ୍କ ସୁପୁତ୍ର। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଛନ୍ତି। ବିଶ୍ୱବିଦ୍ୟାଳୟର ଶିକ୍ଷା ସମାପ୍ତ ପରେ ସେ ସାମ୍ବାଦିକତା ବୃତ୍ତିରେ ପ୍ରବେଶ କରି ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ। କିଶୋରାବସ୍ଥାରୁ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଗଭୀର ଅଭିରୁଚି ଫଳରେ ସେ ଦୀର୍ଘ ୪ ଦଶନ୍ଧି ଧରି ଲେଖନୀ ଚାଳନା କରିଆସୁଛନ୍ତି। ୧୯୯୧ରେ ତାଙ୍କର 'ସମୁଦ୍ର କୂଳର ଗାଁ' ପ୍ରଥମ ପ୍ରକାଶିତ ପୁସ୍ତକ। ତାଙ୍କର ଅନ୍ୟ ଉଲ୍ଲେଖନୀୟ ରଚନାବଳୀ 'ସଂସ୍କାର', 'ଭାରତୀପୁର', 'ୟୁ ଆର୍ ଅନନ୍ତମୂର୍ତ୍ତିଙ୍କ ନିର୍ବାଚିତ ଗଳ୍ପ', 'ପୂର୍ଣ୍ଣିମା ରାତିର ଅଭିସାର ଓ ଅନ୍ୟାନ୍ୟ ଗଳ୍ପ' 'ମନ୍ ପରଦେଶୀ', 'ଏମ୍‌ଟି ବାସୁଦେବ ନାୟରଙ୍କ ନିର୍ବାଚିତ ମାଲୟାଲମ୍ ଗଳ୍ପ', 'ଖୁସବନ୍ତ ସିଂହଙ୍କ ପଞ୍ଚାନ୍ତି ଗଳ୍ପ ସଙ୍କଳନ', ନୋବେଲ ପୁରସ୍କାରପ୍ରାପ୍ତ ବିଭିନ୍ନ ବିଦେଶୀ ଗାଳ୍ପିକଙ୍କ ଗଳ୍ପ ସଙ୍କଳନ ଆଦି ଅନ୍ୟତମ। ଓଡ଼ିଆ ସାହିତ୍ୟରେ ସୃଜନାତ୍ମକ ଲେଖା ବ୍ୟତୀତ ସେ ଅନୁବାଦ କର୍ମରେ ଲିପ୍ତ ରହି ଅନ୍ୟାନ୍ୟ ଭାରତୀୟ ଭାଷା ଓ ବିଶ୍ୱ ସାହିତ୍ୟର ଅନେକ କ୍ଲାସିକ୍‌ଗୁଡ଼ିକୁ ଓଡ଼ିଆ ସାହିତ୍ୟରେ ଅନୂଦିତ କରି ଅଶେଷ ପାଠକୀୟ ଆଦୃତି ଲାଭ କରିଛନ୍ତି। ଓଡ଼ିଆ ଅନୁବାଦ ସାହିତ୍ୟକୁ ତାଙ୍କର ଅତୁଳନୀୟ ଅବଦାନ ନିମନ୍ତେ ସେ ଯଶସ୍ୱୀ ହୋଇଛନ୍ତି। ତାଙ୍କ ସାଧନାର ସ୍ୱୀକୃତି ସ୍ୱରୂପ ଅନେକ ପୁରସ୍କାର ସହ ପ୍ରଶଂସା ସାଉଁଟିଛନ୍ତି। ୨୦୧୪ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସମେତ କାଦମ୍ବିନୀ ଅନୁବାଦ ପୁରସ୍କାର, ତାରତରଙ୍ଗ ପୁରସ୍କାର, ମନ୍ଥନ ସମ୍ମାନ, ଜାମସେଦପୁର ଓଡ଼ିଆ ଆସୋସିଏସନ୍ ସମ୍ମାନ, ଦି ୟୁନିଭର୍ସ ସାମ୍ବାଦିକତା ସମ୍ମାନ ପ୍ରାପ୍ତ ହୋଇଛନ୍ତି।